# NATIONAL NEWS BULLETIN (ODIA)

## 16 July - 2025

## Morning Bulletin : 7.15 A.M.

**********************************************

## ମୁଖ୍ୟ ସମ୍ବାଦ

- ଦକ୍ଷତା ବିକାଶ ଅଭିଯାନ ଦେଶର ଅଗଣତି ଲୋକଙ୍କୁ ଉପକୃତ କରିଛି, କହିଲେ ପ୍ରଧାନମନ୍ତ୍ରୀ ।
- ଆନ୍ତର୍ଜାତିକ କ୍ଷେତ୍ରରେ ଉତ୍ତର-ଦକ୍ଷିଣ ପରିବହନ କରିଡ଼ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ସତ୍ୟଜିତ ରାୟଙ୍କ ପୈତୃକ ସମ୍ପତ୍ତିକୁ ନଷ୍ଟ କରିବା ନେଇ ପୁନର୍ବିଚାର କରିବାକୁ ବାଂଲାଦେଶକୁ ଅନୁରୋଧ କଲା ଭାରତ ।
- ଇସ୍ରାଏଲର ଆକାଶମାର୍ଗ ଆକ୍ରମଣରେ ଗତ ୨୪ ଘଣ୍ଟା ମଧ୍ୟରେ ଗାଜାରେ ୯୦ରୁ ଅଧିକ ଲୋକଙ୍କର ମୃତ୍ୟୁ ।

ଏବଂ

- ୨୦ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳ ଆଜି ଉଜ୍‌ବେକିସ୍ତାନ ବିପକ୍ଷରେ ଖେଳିବ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ।

## ପିଏମ୍-ସ୍କିଲ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦକ୍ଷତା ବିକାଶ ଅଭିଯାନ ଦେଶର ଅଗଣିତ ଲୋକଙ୍କୁ ଉପକୃତ କରିଛି । ସେମାନଙ୍କୁ ନୂତନ ଦକ୍ଷତା ଏବଂ ସୁଯୋଗ ସୃଷ୍ଟି ସହ ସଶକ୍ତ କରିପାରିଛି । କେନ୍ଦ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟର ପ୍ରତିକ୍ରିୟାରେ ଶ୍ରୀ ମୋଦୀ କହିଛନ୍ତି, ଏହି ଅଭିଯାନ ୧୦ ବର୍ଷ ପୂରଣ କରୁଥିବାରୁ ସରକାର ଏହା ମାଧ୍ୟମରେ ଏକ ଦକ୍ଷ ଏବଂ ସ୍ୱାବଲମ୍ବି ଯୁବବର୍ଗ ଗଠନ କରିବାକୁ ପ୍ରତିବଦ୍ଧ । ବିକଶିତ ଭାରତ ସ୍ୱପ୍ନକୁ ପୂରଣ କରିବାରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୁବବର୍ଗଙ୍କୁ ନୂତନ ଦକ୍ଷତା ଏବଂ ବିଶ୍ୱସ୍ତରୀୟ ପରିସ୍ଥିତି ସହ ଖାପଖୁଆଇବାରେ ଦକ୍ଷତା ବିକାଶ ମିଶନ୍ ସରକାରଙ୍କ ସଂକଳ୍ପକୁ ଅଧିକ ମଜବୁତ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପିଏମ୍-ନନ୍ ଫସିଲ୍ ଫୁଏଲ୍

ଏକ ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ଭାରତର ପ୍ରତିବଦ୍ଧତା ଏବଂ ପ୍ରୟାସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟର ପ୍ରତିକ୍ରିୟାରେ ଶ୍ରୀ ମୋଦୀ କହିଛନ୍ତି, ୨୦୩୦ ଧାର୍ଯ୍ୟ ଲକ୍ଷ୍ୟର ପାଞ୍ଚ ବର୍ଷ ପୂର୍ବରୁ ଦେଶ ୫୦ ପ୍ରତିଶତ ଅଣଜୀବାଶ୍ମ ଇନ୍ଧନ କ୍ଷମତା ହାସଲ କରିପାରିଛି ।

# ଜୟଶଙ୍କର-ଏସ୍‌ସିଓ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଜାମ୍ମୁ କାଶ୍ମୀର ପର୍ଯ୍ୟଟନ ଅର୍ଥନୀତିକୁ ଦୁର୍ବଳ କରିବା ଏବଂ ଭାରତରେ ଧାର୍ମିକ ବିଭାଜନ ସୃଷ୍ଟି କରିବା ଲକ୍ଷ୍ୟ ନେଇ ପହଲଗାମରେ ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା । ଚୀନ୍‌ର ତିଆନ୍‌ଜିନ୍ ଠାରେ ଅନୁଷ୍ଠିତ ଏସ୍.ସି.ଓ. ବୈଦେଶିକ ମନ୍ତ୍ରୀ ପରିଷଦ ବୈଠକକୁ ଗତ ସନ୍ଧ୍ୟାରେ ସମ୍ବୋଧନ କରି ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ଏଭଳି ଆକ୍ରମଣକୁ ନିନ୍ଦା କରାଯିବା ପ୍ରସ୍ତାବ ଉପରେ ଡକ୍ଟର ଜୟଶଙ୍କର ଏହି ଅବସରରେ ଆଲୋକପାତ କରିଛନ୍ତି ।

ଆତଙ୍କବାଦ କାର୍ଯ୍ୟକଳାପ, ଏହାକୁ ସହଯୋଗ ପ୍ରଦାନ କରୁଥିବା ରାଷ୍ଟ୍ର ଏବଂ ପ୍ରାୟୋଜକଙ୍କୁ ଏଥିପାଇଁ ଦାୟି କରିବାକୁ ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ଜାରି ରହିବ ବୋଲି ଡକ୍ଟର ଜୟଶଙ୍କର ସ୍ପଷ୍ଟ କରିଛନ୍ତି । ଆନ୍ତର୍ଜାତିକ ପରିସ୍ଥିତି ଉପରେ ଆଲୋକପାତ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଏବେ ଆର୍ଥିକ ଅସ୍ଥିରତା ବୃଦ୍ଧି ପାଉଛି । ଷ୍ଟାର୍ଟଅପ୍ ଏବଂ ନବସୃଜନ ଠାରୁ ଆରମ୍ଭ କରି ପାରମ୍ପରିକ ଔଷଧ ଓ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଭାରତ ଏସ୍.ସି.ଓ. ବୈଠକରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଆନ୍ତର୍ଜାତିକ କ୍ଷେତ୍ରରେ ଉତ୍ତର-ଦକ୍ଷିଣ ପରିବହନ କରିଡ଼ରକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଡକ୍ଟର ଜୟଶଙ୍କର ଗୁରୁତ୍ୱ ପ୍ରଦାନ କରିଛନ୍ତି ।

# ଇସି-ଏସ୍ଆଇଆର୍ ବିହାର

ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନରେ ଏ ପର୍ଯ୍ୟନ୍ତ ୮୬ ପ୍ରତିଶତରୁ ଅଧିକ ଗଣନା ଫର୍ମ ସଂଗୃହୀତ ହୋଇଥିବା ନିର୍ବାଚନ କମିଶନ୍ କହିଛନ୍ତି । କମିଶନ୍‌ଙ୍କ ପକ୍ଷରୁ ଗତକାଲି ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ସଂଶୋଧନ ଅଭିଯାନ ପାଇଁ ଆଉ ୧୦ ଦିନ ବାକି ରହିଛି । ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ଭୋଟରଙ୍କ ସହିତ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରିବାକୁ କୁହାଯାଇଛି । ସମସ୍ତ ଯୋଗ୍ୟ ଭୋଟରଙ୍କୁ ଚିଠା ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି କମିଶନ୍ କହିଛନ୍ତି ।

# ଏମ୍ଇଏ-ସତ୍ୟଜିତ ରାୟ ବାଂଲାଦେଶ

ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ସତ୍ୟଜିତ ରାୟଙ୍କ ପୈତୃକ ସମ୍ପତ୍ତିକୁ ନଷ୍ଟ କରିବାର ପୁନର୍ବିଚାର କରିବାକୁ ଭାରତ ବାଂଲାଦେଶକୁ ଅନୁରୋଧ କରିଛି । ବଙ୍ଗଳା ସାଂସ୍କୃତିକ ନବଜାଗରଣର ପ୍ରତୀକ ଏହି କୋଠାକୁ ସଂରକ୍ଷଣ କରିବା ପାଇଁ ଭାରତ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ ବୋଲି କହିଛି । ମୈମନସିଂର ଏହି ଐତିହାସିକ କୋଠାକୁ ଭାଙ୍ଗିବା ନିଷ୍ପତ୍ତି ଦୁଃଖଦାୟକ ବୋଲି ଭାରତ ବର୍ଣ୍ଣନା କରିବା ସହିତ ଦ୍ୱିପାକ୍ଷିକ ସହଭାଗି ସଂସ୍କୃତିର ପ୍ରତୀକ ସଂଗ୍ରହାଳୟରେ ଏହାକୁ ପରିଣତ କରିବାକୁ ବାଂଲାଦେଶକୁ ଅନୁରୋଧ କରିଛି ।

ଏହି ପ୍ରତୀକାତ୍ମକ ତଥା ଐତିହାସିକ କୋଠାଟି ସତ୍ୟଜିତ ରାୟଙ୍କ ଜେଜେବାପା ପ୍ରସିଦ୍ଧ ସାହିତ୍ୟିକ ଉପେନ୍ଦ୍ର କୁମାର ରାୟ ଚୌଧୁରୀଙ୍କର ରହିଥିଲା । ବାଂଲାଦେଶ ସରକାରଙ୍କ ମାଲାକାନା ସ୍ୱତ୍ୱରେ ଥିବା ଏହି ସମ୍ପତ୍ତି ଏବେ ଅବହେଳିତ ଅବସ୍ଥାରେ ରହିଥିବାରୁ ସେଠାକାର କର୍ତ୍ତୃପକ୍ଷଙ୍କ ଦ୍ୱାରା କୋଠା ଭାଙ୍ଗିବା ନିଷ୍ପତ୍ତି ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ପ୍ରତିକ୍ରିୟା ପ୍ରଦାନ କରିଛି ।

## ଇସ୍ରାଏଲ୍-ଗାଜା

ଇସ୍ରାଏଲ୍ ଆକାଶମାର୍ଗ ଆକ୍ରମଣରେ ଗତ ୨୪ ଘଣ୍ଟା ମଧ୍ୟରେ ଗାଜା ଷ୍ଟ୍ରିପ୍‌ରେ ୯୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି । ସୋମବାର ସନ୍ଧ୍ୟାରେ ଇସ୍ରାଏଲ୍ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଥିଲା । ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତକାଲି ଦେଇଥିବା ସୂଚନା ଅନୁଯାୟୀ ଏହି ଆକ୍ରମଣରେ ୨୭୮ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେଲ୍-ଅଲ୍-ହାୱା ଜିଲ୍ଲାରେ ଏକ ଘର ଉପରେ ଆକ୍ରମଣ ଯୋଗୁଁ ଗୋଟିଏ ପରିବାର ୧୯ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଛି । ଅନ୍ୟ ଏକ ଆଶ୍ରୟ ସ୍ଥଳର ୪ଜଣଙ୍କର ପ୍ରାଣହାନୀ ହୋଇଛି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଇରାନ୍-ଇଣ୍ଡିଆ ଆଡଭାଇଜରୀ

ଅତି ଆବଶ୍ୟକ ନ ଥିଲେ ଇରାନ୍ ଯାତ୍ରା ଏଡ଼ାଇବାକୁ ଇରାନ୍ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି । ଗତ କିଛି ସପ୍ତାହ ମଧ୍ୟରେ ଇରାନ୍‌ରେ ପରିବର୍ତ୍ତିତ ସୁରକ୍ଷା ଦୂତାବାସ ପକ୍ଷରୁ ଏଭଳି ଏକ ଯାତ୍ରୀ ମାର୍ଗଦର୍ଶିକା ଜାରି କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦୂତାବାସ କହିଛି, ଅତି ଆବଶ୍ୟକ ସ୍ଥଳେ ଯାତ୍ରା କରିବା ପୂର୍ବରୁ ପରିସ୍ଥିତିକୁ ସମୀକ୍ଷା କରି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ଭାରତୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଉଥିବା ସଦ୍ୟତମ ପରାମର୍ଶବଳୀକୁ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି । ଇରାନ୍‌ରୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିବା ଭାରତୀୟ ନାଗରୀକଙ୍କୁ ଉପଲବ୍ଧ ହେଉଥିବା ବାଣିଜ୍ୟିକ ବିମାନ ଏବଂ ଜଳପଥ ପରିବହନର ସୁବିଧା ଉପଲବ୍ଧ କରିବାକୁ ଇରାନ୍ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ।

## ଉତ୍ତରାଖଣ୍ଡ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡ ପିଥୋରାଗଡ଼ ଜିଲ୍ଲା ଅନ୍ତର୍ଗତ ମୁଆନି ଅଞ୍ଚଳର ଥାଲ-ପିଥୋରାଗଡ଼ ସଡ଼କପଥରେ ଏକ ଯାତ୍ରୀବାହୀ ଗାଡ଼ି ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଛି, ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଗାଡ଼ିଟି ନଦୀକୁ ଖସି ପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଛି । ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି

ଏହି ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତଙ୍କର ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ପ୍ରଦାନ ପାଇଁ ଘୋଷଣା କରିଛନ୍ତି ।

## ରୁଷ-ୟୁଏ ଟାରିଫ୍

ରୁଷ ଏବଂ ଏହାର ସହଯୋଗୀ ରାଷ୍ଟ୍ର ଗୁଡ଼ିକ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବା ସଂକ୍ରାନ୍ତ ପଦକ୍ଷେପକୁ ମୁକାବିଲା କରିବା ପାଇଁ ମସ୍କୋ ପ୍ରସ୍ତୁତ ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏଭଳି ଧମକ ପ୍ରତିକ୍ରିୟାରେ ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭାରୋଭ୍ ଏହା କହିଛନ୍ତି । ୫୦ ଦିନ ମଧ୍ୟରେ ୟୁକ୍ରେନ୍ ଯୁଦ୍ଧ ସମାପ୍ତ କରିବା ପାଇଁ ରୁଷ ସମ୍ମତ ନ ହେଲେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲାଗୁ କରିବା ନେଇ ରାଷ୍ଟ୍ରପତି ଟ୍ରମ୍ପ୍ ଘୋଷଣା କରିଛନ୍ତି ।

ଚୀନ୍‌ର ତିଆନ୍‌ଜିନ୍ ଠାରେ ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ବୈଠକ ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀରେ ରୁଷ ବୈଦେଶିକ ମନ୍ତ୍ରୀ

ଶ୍ରୀ ଲାଭାରୋଭ୍ କହିଛନ୍ତି, ପୂର୍ବରୁ ରୁଷ ବିରୁଦ୍ଧରେ କେତେକ କଟକଣା ଲାଗୁ କରାଯାଇଛି । ଏହା ସତ୍ତ୍ୱେ ଯେକୌଣସି ପରିସ୍ଥିତି ତଥା ନୂତନ ଆର୍ଥିକ ବୋଝର ମୁକାବିଲା କରିବାକୁ ରୁଷର କ୍ଷମତା ରହିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଶ୍ରୀ ଲାଭାରୋଭ କହିଛନ୍ତି, ଶାନ୍ତିପୂର୍ଣ୍ଣ ପରମାଣୁ ଶକ୍ତି ବ୍ୟବହାର ପାଇଁ ଇରାନ୍‌କୁ ଅଧିକାର ପ୍ରଦାନ କରିବା ସଂକ୍ରାନ୍ତରେ ଏସ୍.ସି.ଓ. ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହମତ ହୋଇଛନ୍ତି ।

## ହେଲ୍‌ଥ ମିନିଷ୍ଟ୍ରି– ଷ୍ଟ୍ରିଟ୍ ଫୁଡ୍

ସିଙ୍ଗଡ଼ା, ଜଲେବି ଏବଂ ଲଡ୍ଡୁ ଭଳି ଖାଦ୍ୟ ଉତ୍ପାଦନ ଉପରେ ଚେତାବନୀ ଲେବଲ୍ ଜାରି କରିବା ନିର୍ଦ୍ଦେଶ ସଂକ୍ରାନ୍ତ ଗଣମାଧ୍ୟମ ରିପୋର୍ଟକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଖଣ୍ଡନ କରିଛି। ଗଣମାଧ୍ୟମ ଦ୍ୱାରା ପ୍ରଚାରିତ ଏଭଳି ତଥ୍ୟ ଭୁଲ୍ ଏବଂ ଭିତ୍ତିହୀନ ବୋଲି ଦର୍ଶାଇବା ସହ ମନ୍ତ୍ରଣାଳୟ ପୃଥକ ଭାବେ ଏକ ପରାମର୍ଶବଳୀ ଜାରି କରିଛି। ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି ପାଇଁ ଏହି ପରାମର୍ଶବଳୀ ସୁଯୋଗ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ ଆଶା କରିଛି । ବିଭିନ୍ନ କାର୍ଯ୍ୟସ୍ଥଳ ଯେପରିକି ଲବି, କ୍ୟାଣ୍ଟିନ୍, କାଫେଟେରିଆ ଓ ବୈଠକ କକ୍ଷରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ପ୍ରସ୍ତୁତିରେ ଚର୍ବି ଏବଂ ଅତ୍ୟଧିକ ଚିନିରେ କ୍ଷତିକାରକ ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ପାଇଁ ସାଇନ୍ ବୋର୍ଡ ପ୍ରଦର୍ଶନ କରିବା ଉପରେ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

## ୟୁଜିସି- କମିଟି ଗଠନ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ-ୟୁଜିସି ପକ୍ଷରୁ କମିଟି ଗଠନ କରାଯାଇଛି। ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି । କମିଟିର ସଦସ୍ୟମାନେ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ୟୁଜିସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ଫୁଟବଲ୍-ଅଣ୍ଡର ୨୦ ୱିମାନ୍

୨୦ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳ ଉଜ୍‌ବେକିସ୍ତାନ ବିପକ୍ଷରେ ଆଜି ତାର ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ । ତାସ୍‌କେଣ୍ଟର ଡୋଷ୍ଟଲିକ୍ ଷ୍ଟାଡିୟମ୍ ଠାରେ ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଖେଳାଯିବ । ଗତ ସୋମବାର ଅନୁଷ୍ଠିତ ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ହୋଇଥିଲା । ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍‌ସ୍କୋର କରିଥିଲେ । ଆସନ୍ତାମାସରେ ଅନୁଷ୍ଠିତ ହେବାକୁ ଥିବା ଏ.ଏଫ୍.ସି. ୨୦ ବର୍ଷରୁ କମ୍ ମହିଳା ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଏହା ପ୍ରସ୍ତୁତି ଭାବେ ଗ୍ରହଣ କରାଯାଇଛି । ଯୋଗ୍ୟତା ପର୍ଯ୍ୟାୟରେ ଭାରତ' ଇଣ୍ଡୋନେସିଆ, ତୁର୍କମେନିସ୍ତାନ ଏବଂ ମ୍ୟାଁମାର୍ ସହ ମ୍ୟାଚ୍ ଖେଳିବ । ଆସନ୍ତାବର୍ଷ ଥାଇଲାଣ୍ଡରେ ଏ.ଏଫ୍.ସି. ୨୦ ବର୍ଷରୁ କମ୍ ମହିଳା ଏସୀୟ କପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।